# NATIONAL NEWS BULLETIN (ODIA)

## 10 May - 2025

## Morning Bulletin : 7.15 a.m.

***********************************************

## ମୁଖ୍ୟ ସମ୍ବାଦ

- ବାରମୁଲାରୁ ଭୁଜ୍ ପର୍ଯ୍ୟନ୍ତ ଆନ୍ତର୍ଜାତିକ ସୀମାରେଖା ଓ ନିୟନ୍ତ୍ରଣ ରେଖା ନିକଟରେ ୨୬ଟି ସ୍ଥାନରେ ଡ୍ରୋନ୍ ଠାବ ହୋଇଥିବା ସୂଚନା ।
- ଦେଶର ୩୨ଟି ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ ଘୋଷଣା କଲେ ସରକାର ।
- ତେଲଙ୍ଗାନାରେ ପ୍ରତିବନ୍ଧିତ ସିପିଆଇ ମାଓବାଦୀ ଦଳର ୩୮ଜଣ ସଦସ୍ୟଙ୍କ ଆତ୍ମସମର୍ପଣ ।
- ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ପାକିସ୍ତାନକୁ ଋଣ ଯୋଗାଣ ପ୍ରସଙ୍ଗରେ ଭୋଟ୍‌ଦାନରୁ ବିରତ ରହିଲା ଭାରତ ।

ଏବଂ

- ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ଆଇପିଏଲ୍ ସିରିଜ୍‌କୁ ଏକସପ୍ତାହ ଲାଗି ସ୍ଥଗିତ ରଖିଲା ବିସିସିଆଇ ।

# ଡ୍ରୋନ୍-ପାକିସ୍ତାନ

ବାରମୁଳାରୁ ଭୁଜ୍ ପର୍ଯ୍ୟନ୍ତ ଆନ୍ତର୍ଜାତିକ ସୀମାରେଖା ଓ ନିୟନ୍ତ୍ରଣ ରେଖା ନିକଟରେ ୨୬ଟି ସ୍ଥାନରେ ଡ୍ରୋନ୍ ଠାବ କରାଯାଇଛି । ସେଗୁଡ଼ିକ ମଧ୍ୟରୁ କେତେକ ଡ୍ରୋନ୍ ସାଧାରଣ ନାଗରିକ ଓ ସାମରିକ ଘାଟୀଗୁଡ଼ିକ ପ୍ରତି ଲକ୍ଷ୍ୟକରି ପ୍ରୟୋଗ କରାଯାଇଥିବା କୁହାଯାଇଛି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ ବାରମୁଳା, ଶ୍ରୀନଗର, ଅବନ୍ତିପୁରା, ନଗ୍ରୋଟା, ଜାମ୍ମୁ, ଫିରୋଜପୁର, ପଠାନକୋଟ, ଫଜିଲ୍କା, ଲାଲଗଡଜଟା, ଜୈସଲମେର, ବାଡମେର, ଭୁଜ୍, କ୍ୱାରବେଟ୍ ଏବଂ ଲାଖିନାଲା ଅଞ୍ଚଳରେ ଡ୍ରୋନ ଠାବ ହେବା ପରେ ସୂଚନା ଦିଆଯାଇଛି ।

ଭାରତୀୟ ସଶସ୍ତ୍ର ବାହିନୀ ପକ୍ଷରୁ ସଂପୃକ୍ତ ଅଞ୍ଚଳ ଗୁଡ଼ିକରେ ଅତ୍ୟଧିକ ସତର୍କତା ଅବଲମ୍ବନ କରାଯାଉଛି । ସୀମା ସେପଟୁ ଆସୁଥିବା ଡ୍ରୋନ୍‌ଗୁଡ଼ିକୁ, ଡ୍ରୋନ୍ ପ୍ରତିରୋଧୀ ବ୍ୟବସ୍ଥା ଜରିଆରେ ନିଷ୍କ୍ରିୟ କରିଦିଆଯାଉଛି । ସେନାବାହିନୀ ପକ୍ଷରୁ ଏହିସବୁ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଘର ଭିତରେ ରହିବା ଲାଗି ସ୍ଥାନୀୟ ପ୍ରଶାସନ ପରାମର୍ଶ ଦେଇଛନ୍ତି । ତେବେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଗତକାଲି ପଞ୍ଜାବର ଫିରୋଜପୁର, ଅମୃତସର ଏବଂ ପଠାନକୋଟରେ ଡ୍ରୋନ୍ ଆକ୍ରମଣ ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସେଗୁଡ଼ିକୁ ଭାରତୀୟ ସଶସ୍ତ୍ର ବାହିନୀ ନିଷ୍କ୍ରିୟ କରିଦେଇଛନ୍ତି । ଫିରୋଜପୁରରେ ଡ୍ରୋନ୍ ଆକ୍ରମଣରେ ଗୋଟିଏ ଘର ନଷ୍ଟ ହୋଇଥିବାବେଳେ ଗୋଟିଏ ପରିବାରର ୩ଜଣ ସଦସ୍ୟ ଆହତ ହୋଇଛନ୍ତି । ସେମାନଙ୍କୁ ସରକାରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କୁହାଯାଇଛି । ଫିରୋଜପୁର ପୋଲିସ ମୁଖ୍ୟ ଭୂପିନ୍ଦର ସିଂହ ସିଧୁ କହିଛନ୍ତି ସଂପୃକ୍ତ ଅଞ୍ଚଳରେ ଘଟୁଥିବା ସୀମାପାର ଆକ୍ରମଣର କଡାଜବାବ ଦିଆଯାଉଛି ।

## ଏମ୍ଇଏ

ପାକିସ୍ତାନ ପକ୍ଷରୁ ଲେହରୁ ଆରମ୍ଭ କରି ସିର୍‌କ୍ରିକ୍ ପର୍ଯ୍ୟନ୍ତ ଭାରତର ୩୬ଟି ସ୍ଥାନରେ ପ୍ରାୟ ୪୦୦ରୁ ଅଧିକ ଡ୍ରୋନ୍ ବ୍ୟବହାର କରି ଅନୁପ୍ରବେଶ କରିବାକୁ ଚେଷ୍ଟା କରିଥିଲା । ଭାରତୀୟ ସଶସ୍ତ୍ର ବାହିନୀ ବିଭିନ୍ନ ଉପାୟରେ ଅନେକଗୁଡ଼ିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରିଦେଇଥିବା କୁହାଯାଇଛି । ଗତକାଲି ନୂଆଦିଲ୍ଲୀରେ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କର୍ଣ୍ଣେଲ ସୋଫିଆ କ୍ୟୁରେସି କହିଛନ୍ତି ଦେଶର ପଶ୍ଚିମ ଦିଗରେ ପାକିସ୍ତାନ

ସେନା ଅନେକଥର ଭାରତୀୟ ବାୟୁସୀମା ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ । ପାକିସ୍ତାନ ପକ୍ଷରୁ ମୁଖ୍ୟତଃ ସାମରିକ ଭିତ୍ତିଭୂମି ଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଥିଲା । ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ପାକିସ୍ତାନ ପକ୍ଷରୁ ପ୍ରବଳ ଗୁଳିଗୋଳା ବର୍ଷଣ କରାଯାଇଥିବା ସେ କହିଛନ୍ତି । ବିପୁଳ ମାତ୍ରାରେ ଡ୍ରୋନ୍ ବ୍ୟବହାରର ଉଦ୍ଦେଶ୍ୟ ହେଉଛି ଭାରତର ବାୟୁ ପ୍ରତିରୋଧି ବ୍ୟବସ୍ଥାକୁ ପରୀକ୍ଷା କରିବା ଏବଂ ଗୁଇନ୍ଦା ତଥ୍ୟ ହାସଲ କରିବା । ଭାରତୀୟ ସେନା ପକ୍ଷରୁ ନିଷ୍କ୍ରିୟ କରାଯାଇଥିବା ପାକିସ୍ତାନୀ ଡ୍ରୋନ୍ ଗୁଡ଼ିକର ଫରେନ୍ସିକ୍ ଯାଞ୍ଚ ପରେ ସେଗୁଡ଼ିକ ତୁର୍କୀରେ ନିର୍ମାଣ କରାଯାଇଥିବା ଜଣାପଡିଛି ।

**V/O (Sofia)**

ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂହ କହିଛନ୍ତି ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନର ୪ଟି ବାୟୁ ପ୍ରତିରୋଧୀ ବ୍ୟବସ୍ଥା ଉପରେ ଡ୍ରୋନ୍ ଜରିଆରେ ଆକ୍ରମଣ କରିଥିବାବେଳେ ଗୋଟିଏ ଏଡି ରାଡାର ଧ୍ୱଂସ ପାଇଯାଇଛି । ସୀମାବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ଯୋଗୁଁ କିଛି ଭାରତୀୟ ଜବାନ ଆହତ ହୋଇଥିବାବେଳେ ଭାରତର ପାଲଟା ଆକ୍ରମଣରେ ପାକିସ୍ତାନ ସେନାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ସେ କହିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ କହିଛନ୍ତି ପହଲଗାମ ଆକ୍ରମଣରେ ପାକିସ୍ତାନର ସଂପୃକ୍ତି ନଥିବା ବିଷୟ ସମ୍ପୂର୍ଣ୍ଣ ମିଥ୍ୟା

ଏବଂ ପାକିସ୍ତାନ ବାରମ୍ବାର ମିଛ କହି ଚାଲିଛି । ସେ କହିଛନ୍ତି ପାକିସ୍ତାନ ସେନା ଭାରତର ଧାର୍ମିକ ସ୍ଥଳୀ ବିଶେଷକରି ଗୁରୁଦ୍ୱାର ଏବଂ ମନ୍ଦିର ଗୁଡ଼ିକ ଉପରେ ଆକ୍ରମଣ କରୁଛି । ସେ କହିଛନ୍ତି ବର୍ତ୍ତମାନର ସୁରକ୍ଷା ପରିସ୍ଥିତି ଦୃଷ୍ଟିରୁ କର୍ତ୍ତାରପୁର ସାହିବ କରିଡରକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ।

## ଏଏଆଇ-ଏୟାରପୋର୍ଟ କ୍ଲୋଜର

ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ଦେଶର ଉତ୍ତର ଏବଂ ପଶ୍ଚିମାଞ୍ଚଳରେ ଥିବା ୩୨ଟି ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ ଘୋଷଣା କରିଛନ୍ତି । ଚଳିତମାସ ୧୪ ତାରିଖ ପର୍ଯ୍ୟନ୍ତ ସେହିସବୁ ବିମାନବନ୍ଦରଗୁଡ଼ିକ କାର୍ଯ୍ୟ କରିବ ନାହିଁ । ସୂଚନା ଅନୁଯାୟୀ ଅମୃତସର, ଚଣ୍ଡିଗଡ, ଜାମ୍ମୁ, ଶ୍ରୀନଗର, ଭୁଜ୍, ଜାମନଗର, ଜୈସଲମେର୍, ପଠାନକୋଟ ଏବଂ ଅନ୍ୟକେତେକ ବିମାନବନ୍ଦରକୁ ବନ୍ଦ କରାଯାଇଛି । ଏହି ସମୟରେ ଦିଲ୍ଲୀ ଏବଂ ମୁମ୍ବାଇ ମଧ୍ୟରେ ଥିବା ଏୟାର ଟ୍ରାଫିକ ସେବାର ୨୫ଟି ଭାଗକୁ ବନ୍ଦ ରଖାଯିବ ।

## ଦିଲ୍ଲୀ ଏୟାରପୋର୍ଟ

ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି । ତେବେ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିମାନବନ୍ଦର ପକ୍ଷରୁ କେତେକ ପରାମର୍ଶବଳୀ  ଜାରି କରାଯାଇଛି । ବିମାନବନ୍ଦର ପକ୍ଷରୁ କୁହାଯାଇଛି ବିମାନବନ୍ଦରରେ ଉଡାଣ ଓ ଅବତରଣ କାର୍ଯ୍ୟ ସ୍ୱାଭାବିକ ହୋଇଥିଲେ ମଧ୍ୟ ବାୟୁସୀମା ପରିବର୍ତ୍ତନ ଯୋଗୁଁ କେତେକ ବିମାନ ଉଡାଣରେ ବିଳମ୍ବ ହେବାର ସମ୍ଭାବନା ରହିଛି । ଯାତ୍ରୀମାନଙ୍କୁ ବିମାନବନ୍ଦର କର୍ମଚାରୀଙ୍କ ସହ ସହଯୋଗ କରିବା ଲାଗି କୁହାଯାଇଛି ।

# ଗୁଜୁରାଟ-ପ୍ରିପ୍ରେୟାଡନେସ୍

ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁଜୁରାଟ ସରକାର ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଏବଂ ଜରୁରୀକାଳୀନ ଯୋଗାଣ ବ୍ୟବସ୍ଥାକୁ ଦୃଢ଼ କରିଛନ୍ତି । ଗତକାଲି ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ସ୍ଥିତିର ସମୀକ୍ଷା କରି ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଯୋଗାଣ ବ୍ୟବସ୍ଥା ସୁଦୃଢ଼ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ଏକମାତ୍ର ରାଜ୍ୟ ଭାବେ ଗୁଜୁରାଟ' ପାକିସ୍ତାନ ସହ ଉଭୟ ଜଳ ଏବଂ ସ୍ଥଳ ପଥରେ ନିକଟତର ରହିଛି । ସଂପୃକ୍ତ ଅଞ୍ଚଳ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଦୃଢ଼ କରିବା ଲାଗି ରାଜ୍ୟ ସରକାର ଅନେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ।

ରାଜ୍ୟରେ ଥିବା ପ୍ରମୁଖ ବନ୍ଦର ଏବଂ ସୋମନାଥ ଓ ଦ୍ୱାରକାଧୀଶ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଜରୁରୀକାଳୀନ ସ୍ୱାସ୍ଥ୍ୟସେବାର ମୁକାବିଲା ଲାଗି ସୀମାବର୍ତ୍ତୀ ଜିଲ୍ଲା ବନସକଣ୍ଠା ପାତନ ଏବଂ କୁଚ୍‌ରେ ୧୫୦ରୁ ଅଧିକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମୁତୟନ କରାଯାଇଛି । ରକ୍ତଭଣ୍ଡାର ଗୁଡ଼ିକରେ ପର୍ଯ୍ୟାପ୍ତ ରକ୍ତ ଗଛିତ ରଖିବା ଲାଗି ରକ୍ତଦାନ ଶିବିର ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟିବାତିଲ କରାଯାଇଛି । ଗୁଜୁରାଟର ୭ଟି ବିମାନବନ୍ଦରକୁ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଥିବାବେଳେ କୁଚ୍ ଯିବାକୁ ଥିବା ଅନେକଗୁଡ଼ିଏ ଟ୍ରେନ୍‌କୁ ବାତିଲ କରାଯାଇଛି ।

## ପାକିସ୍ତାନ-ଏୟାରସ୍ପେସ୍

ପାକିସ୍ତାନ ଆଜି ଦିନ ୧୨ଟା ପର୍ଯ୍ୟନ୍ତ ତା'ର ଆକାଶସୀମାକୁ ବନ୍ଦ ରଖିଛି । ପେଶାଓ୍ୱାର ଯାଉଥିବା ପାକିସ୍ତାନ ଅନ୍ତର୍ଜାତୀୟ ବିମାନ ପିଆଇଏ-୨୧୮ ଶେଷ ବିମାନ ଭାବେ ତା'ର ବାୟୁସୀମାରେ ଉଡିଥିଲା ଓ ବଲୁଚିସ୍ତାନର କ୍ୱେଟା ଉପରେ ବହୁସମୟ ଧରି ଉଡିବା ପରେ ସେଠାରେ ଜରୁରୀକାଳୀନ ଅବତରଣ

କରିଛି । ଏବେ ପାକିସ୍ତାନରେ କୌଣସି ବାଣିଜ୍ୟିକ ବିମାନ ଉଡାଣ କରୁନାହିଁ ।

## ଫ୍ୟାକ୍ଟ-ଚେକ୍

ସବୁକ୍ଷେତ୍ରରେ ଭାରତଠାରୁ ପରାସ୍ତ ହେବା ପରେ ପାକିସ୍ତାନ ସାମାଜିକ ଗଣମାଧ୍ୟମରେ ଭାରତ ବିରୋଧୀ ପ୍ରଚାର କରିବାରେ ଲାଗିଛି । ପାକିସ୍ତାନର ଡିଜିଟାଲ ସୂତ୍ରରୁ ମିଥ୍ୟା ଭିଡ଼ିଓ ଏବଂ ଫଟୋଚିତ୍ର ଭାଇରାଲ ହେଉଛି । ସାରା ବିଶ୍ୱରେ ଭାରତ ପ୍ରତି ବିଦ୍ୱେଷଭାବ ସୃଷ୍ଟି ଲାଗି ପାକିସ୍ତାନ ଏଭଳି କରୁଥିବା କୁହାଯାଇଛି । ଭିଡ଼ିଓ ଗେମ୍ ଜରିଆରେ ପାକିସ୍ତାନ ଅପପ୍ରଚାର କରିବାକୁ ଚେଷ୍ଟା କରୁଛି । ୨୦୨୦ ମସିହାରେ ଲେବାନନ୍‌ରେ ଘଟିଥିବା ଏକ ବିସ୍ଫୋରଣର ଦୃଶ୍ୟକୁ, ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା ବୋଲି ଦର୍ଶାଯାଇଛି । ପତ୍ରସୂଚନା କାର୍ଯ୍ୟାଳୟ ଫ୍ୟାକ୍ଟ ଚେକ୍ ପକ୍ଷରୁ ଏହା ମିଥ୍ୟା ବୋଲି ପ୍ରମାଣିତ ହୋଇଛି । କୌଣସି ସୂଚନାକୁ ବିନା ପ୍ରମାଣରେ ବିଶ୍ୱାସ ନକରିବା ଲାଗି କୁହାଯାଇଛି । ଆବଶ୍ୟକ ସ୍ଥଳେ ପିଆଇବି ଫ୍ୟାକ୍ଟ ଚେକ୍ ୟୁନିଟ୍ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।  କୌଣସି ତଥ୍ୟ, ଫଟୋ କିମ୍ବା ଭିଡ଼ିଓର ସତ୍ୟାସତ୍ୟ ଜାଣିବା ଲାଗି ହ୍ୱାଟ୍ସଆପ୍ ନମ୍ବର

୮୭-୯୯୭-୧୧-୨୫୯ରେ କିମ୍ବା ଇ-ମେଲ୍ ଆଇଡି, **socialmedia@pib.gov.in** ରେ ଯୋଗାଯୋଗ କରାଯାଇପାରିବ ।

## ତେଲେଙ୍ଗାନା ମାଓଇଷ୍ଟ

ତେଲେଙ୍ଗାନାରେ ପ୍ରତିବନ୍ଧିତ ସିପିଆଇ ମାଓବାଦୀ ଦଳର ୩୮ଜଣ ସଦସ୍ୟ ଆତ୍ମସମର୍ପଣ କରିଛନ୍ତି । ଗତକାଲି ଭଦ୍ରାଦ୍ରି କୋଥାଗୁଡେମ ଜିଲ୍ଲାରେ ପୋଲିସ ଅଧୀକ୍ଷକଙ୍କ ନିକଟରେ ସଂପୃକ୍ତ ମାଓବାଦୀମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି । ସେମାନଙ୍କ ମଧ୍ୟରେ ୮ଜଣ ମହିଳା ଓ ୨ଜଣ ଶିଶୁ ଅଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଛତିଶଗଡର ବିଜାପୁର ଜିଲ୍ଲାର ବୋଲି ଜଣାପଡିଛି । ସେହିସବୁ ମାଓବାଦୀଙ୍କ ମଧ୍ୟରେ ୨ଜଣ ଦଳୀୟ ସଦସ୍ୟ, ୧୬ଜଣ ମିଲିସିଆ, ୭ଜଣ ଗ୍ରାମ୍ୟ କମିଟି ସଭ୍ୟ, ୬ଜଣ କିଶାନ ମଜଦୁର ସଂଗଠନର ସଦସ୍ୟ ଓ ୩ଜଣ ଚେତନା ନାଟ୍ୟ ମଞ୍ଚର ସଦସ୍ୟ ରହିଥିବାବେଳେ ୪ଜଣ ଗ୍ରାମରକ୍ଷକ ଦଳମର ସଦସ୍ୟ ବୋଲି ଜଣାପଡିଛି । ଗତ ଜାନୁଆରୀ ମାସଠାରୁ ଏପର୍ଯ୍ୟନ୍ତ ୨୬୫ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ସେଠାକାର ପୋଲିସ ଅଧୀକ୍ଷକ କହିଛନ୍ତି । ସୂଚନା ଅନୁଯାୟୀ ଆଦିବାସୀ ଅଞ୍ଚଳରେ ଆଦିବାସୀମାନଙ୍କ ସମର୍ଥନ ମିଳିପାରୁନଥିବାରୁ

ମାଓବାଦୀମାନେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ ନିମନ୍ତେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ଜଣାପଡିଛି ।

## ଆଇଏମ୍ଏଫ୍ ଇଣ୍ଡିଆ

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଆଇଏମ୍ଏଫ୍‌ର ପାକିସ୍ତାନକୁ ଋଣ ଯୋଗାଣ ପ୍ରସଙ୍ଗରେ ହୋଇଥିବା ସମୀକ୍ଷା ବୈଠକରେ ଭାରତ ଭୋଟ୍‌ଦାନରୁ ବିରତ ରହିଛି । ଭାରତ ଅଭିଯୋଗ କରିଛି ପାକିସ୍ତାନକୁ ଋଣ ପ୍ରଦାନ କରାଗଲେ ତାହା ଆତଙ୍କବାଦ ବୃଦ୍ଧି ନିମନ୍ତେ ଖର୍ଚ୍ଚ ହେବାର ସମ୍ଭାବନା ରହିଛି । ଭାରତ କହିଛି କ୍ରମାଗତ ଭାବେ ସୀମାପାର ଆତଙ୍କବାଦକୁ ସହାୟତା ଦେଉଥିବା ପାକିସ୍ତାନ ସାରା ବିଶ୍ୱ ପ୍ରତି ବିପଦ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରୁ ପୂର୍ବରୁ ନେଇଥିବା ଋଣ ପ୍ରଦାନ କ୍ଷେତ୍ରରେ ପାକିସ୍ତାନ ସବୁ ସମୟରେ ଟାଳଟୁଳନୀତି ଅବଲମ୍ବନ କରୁଥିବାବେଳେ ଅଧିକ ଋଣ ନଦେବା ପାଇଁ ଭାରତ କହିଛି । ଦେଶର ଅର୍ଥନୈତିକ ଉନ୍ନତି ବଦଳରେ ପାକିସ୍ତାନ

ଆଇଏମ୍‌ଏଫ୍‌ରୁ ନେଉଥିବା ଅର୍ଥକୁ ଅନ୍ୟ ଦିଗରେ ଖର୍ଚ୍ଚ କରୁଛି ବୋଲି ଭାରତ ଅଭିଯୋଗ କରିଛି ।

## ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଟି-୨୦ ସିରିଜ୍‌କୁ ଏକ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲବୋର୍ଡ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା କହିଛନ୍ତି ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଛି । ପରିସ୍ଥିତି ସ୍ୱାଭାବିକ ହେବା ପରେ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରାଯାଇ ନୂତନ କାର୍ଯ୍ୟସୂଚୀ ପ୍ରକାଶ କରାଯିବ । ବିସିସିଆଇ ପକ୍ଷରୁ ଭାରତୀୟ ସେନା ଓ ସରକାରଙ୍କ ସହ ରହିଛି ବୋଲି ସେ କହିଛନ୍ତି । ସୂଚନା ଅନୁଯାୟୀ ଆଇପିଏଲ୍ ଖେଳାଳି, ସହଯୋଗୀ କର୍ମଚାରୀ ଏବଂ ଅନ୍ୟମାନଙ୍କୁ ଧର୍ମଶାଳାରୁ ନୂଆଦିଲ୍ଲୀ ଆଣିବା ଲାଗି ସ୍ୱତନ୍ତ୍ର ବନ୍ଦେଭାରତ ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା ।